# ସୂଚନା ଅଧିକାର ଆଇନ୍ ଓ ବେସରକାରୀ ସଂଗଠନ

# ଓଡିଶା ସରକାରଙ୍କ ବିଜ୍ଞପ୍ତି - ଅବାନ୍ତର ଓ ଅବୈଧ

## ରାଜ୍ୟବିଜ୍ଞପ୍ତିର ସାରାଂଶ

ଗତ ଜୁଲାଇ ୨୮ରେ ଓଡିଶାର ବିଭିନ୍ନ ଦୈନିକ ସମ୍ବାଦପତ୍ରରେ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ ତରଫରୁ ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ ପାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ 'ଦୃଶ୍ୟମାନ' ଅର୍ଥପ୍ରାପ୍ତି କରୁଥିବା ସମସ୍ତ ବେସରକାରୀ ସଂଗଠନ ବା ଏନ୍.ଜି.ଓ.ଙ୍କୁ ସୂଚନା ଅଧିକାର ଆଇନ୍‌ର ଧାରା ୨(ଏଚ୍)(ଡି-୨) ଅନୁଯାୟୀ ଜନକର୍ତ୍ତୃପକ୍ଷ ରୂପେ ବିବେଚନା କରାଯିବ ଏବଂ ସେମାନେ ଉକ୍ତ ଆଇନ୍‌ର ଧାରା ୪ ଅନୁଯାୟୀ ନିଜ ସଂଗଠନ ସଂବନ୍ଧୀୟ ତଥ୍ୟାବଳୀ ପ୍ରକାଶନ କରିବା ସହିତ ଧାରା ୫, ୭ ଓ ୧୯ ଇତ୍ୟାଦିରେ ଥିବା ବ୍ୟବସ୍ଥାମାନ ଅନୁଯାୟୀ ନିଜର ଦାୟିତ୍ୱ ନିର୍ବାହ କରିବେ । ପୁଣି ଏହି ସଂଗଠନମାନେ ଧାରା ୫ ଓ ୧୯ର ଅନୁପାଳନାର୍ଥେ ଜନସୂଚନା ଅଧିକାରୀ (ପି.ଆଇ.ଓ.) ଓ ସହକାରୀ ଜନସୂଚନା ଅଧିକାରୀ (ଏ.ପି.ଆଇ.ଓ.) ତଥା ପ୍ରଥମ ଅପିଲ୍ ଅଧିକାରୀଙ୍କୁ ପଦନାମିତ କରିବା ସହିତ ନିଜ କାର୍ଯ୍ୟାଳୟରେ ନାମଫଳକ ଦ୍ୱାରା ସେମାନଙ୍କୁ ବିଜ୍ଞାପିତ କରାଇବେ । ଆପାତ ଦୃଷ୍ଟିରେ ଓଡିଶା ସରକାରଙ୍କ ଏହି ବିଜ୍ଞପ୍ତିର ଉଦ୍ଦେଶ୍ୟ ମହତ୍, କିନ୍ତୁ ଟିକେ ନିରିଖେଇଲେ ବହୁ ଜଟିଳତା ଦୃଷ୍ଟିକୁ ଆସିବ, ଏବଂ ଯଦି ସେଗୁଡିକର ସମାଧାନ ନକରାଯାଏ, ତେବେ ଆଇନ୍‌ର ଯଥାର୍ଥ ଉଦ୍ଦେଶ୍ୟ (ଯଥା ବେସରକାରୀ ସଂଗଠନମାନଙ୍କ ଜରିଆରେ ରାଜକୋଷରୁ ଅର୍ଥବ୍ୟୟର ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା) ହାସଲ ହେବା ପରିବର୍ତ୍ତେ ନୂତନ ସମସ୍ୟାମାନ ସୃଷ୍ଟି ହେବ ତଥା ଏହି ବିଜ୍ଞାପନର ବ୍ୟାପକ ଦୁରୁପଯୋଗ ଘଟିବ । ବୋଧହୁଏ ଏହି କାରଣରୁ ସାରା ଭାରତରେ କେନ୍ଦ୍ର କିମ୍ବା ଅନ୍ୟ କୌଣସି ରାଜ୍ୟ ସରକାର ଏନ୍.ଜି.ଓ.ଙ୍କ ପ୍ରତି ସୂଚନା ଅଧିକାର ଆଇନ୍‌ର ପ୍ରୟୋଗକୁ ନେଇ ଏଭଳି ସ୍ୱତନ୍ତ୍ର ଭାବେ କୌଣସି ସର୍ବସାଧାରଣ ବିଜ୍ଞପ୍ତି ଜାରି କରିନାହାନ୍ତି ।

## ଘୋଡା ଆଗରେ ଗାଡି

ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ କୁହାଯାଇଛି ଯେ, ମୂଳ ଆଇନ୍‌ରେ ସରକାରଙ୍କ ଠାରୁ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' କରୁଥିବା କେତେକ ଏନ୍.ଜି.ଓ.ଙ୍କୁ 'ସାର୍ବଜନୀକ ପ୍ରାଧିକାରୀ' ବା ଜନକର୍ତ୍ତୃପକ୍ଷ ଭାବେ 'ବିଜ୍ଞାପିତ' କରାଯାଇଛି ଏବଂ ସେମାନେ ସେହି କାରଣରୁ ସୂଚନା ଅଧିକାର ଆଇନ୍ ଅନୁଯାୟୀ ନିଜର ଦୟିତ୍ୱମାନ ସମ୍ପାଦନ କରିବା ଉଚିତ୍ । କିନ୍ତୁ ଏହି ଉକ୍ତି କେବଳ ଯେ ତଥ୍ୟଗତ ଭାବେ ଭୁଲ୍, ତାହା ନୁହେଁ, ବରଂ ତାତ୍ତ୍ୱିକ ଦୃଷ୍ଟିରୁ ମଧ୍ୟ ଭୁଲ୍ । କାରଣ, କିଏ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' କରୁଛି, କିଏ କରୁନାହିଁ, ତାହାର ନିର୍ଦ୍ଧାରକ ସ୍ୱାଭାବିକ ଭାବେ ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟ ସରକାର ହେବା ଉଚିତ୍, ନିଜେ ଏନ୍.ଜି.ଓ. ନୁହେଁ । କେନ୍ଦ୍ରୀୟ ସୂଚନା କମିଶନ୍ ପ୍ରାୟ ୧୦ମାସ ତଳେ ଏକ କେଶ୍‌ର ଶୁଣାଣି କରି ପରାମର୍ଶ ଦେଇଥିଲେ ଯେ, କେନ୍ଦ୍ର ସରକାରଙ୍କ ପ୍ରତି ମନ୍ତ୍ରଣାଳୟ ଓ ବିଭାଗ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' କରୁଥିବା ଏନ୍.ଜି.ଓ. ମାନଙ୍କୁ ଚିହ୍ନଟ କରି ସେମାନେ ଯେପରି ସୂଚନା ଆଇନ୍ ଅନୁଯାୟୀ ଜନକର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବେ, ତାହା ସୁନିଶ୍ଚିତ କରିବେ ତଥା ଅବଜ୍ଞାକାରୀ ଏନ୍.ଜି.ଓ. ମାନଙ୍କୁ ଅନୁଦାନ ମଞ୍ଜୁରି କରିବା ବନ୍ଦ କରିଦେବେ ***[ଦ୍ରଷ୍ଟବ୍ୟ- କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଦ୍ୱାରା ୨୬.୧୧.୨୦୦୮ରେ ମୀମାଂସିତ କେଶ୍- ମିସ୍ ସୁମନ ବକ୍ସି ବନାମ ଫାମିଲି ପ୍ଲାନିଂ ଆସୋସିଏସନ୍ ଅଫ୍ ଇଣ୍ଡିଆ]*** । କିନ୍ତୁ କ୍ଷୋଭର ବିଷୟ, ଏପର୍ଯ୍ୟନ୍ତ କେନ୍ଦ୍ର ସରକାର, ବା ଓଡିଶା ସମେତ କୌଣସି ରାଜ୍ୟ ସରକାରଙ୍କର କୌଣସି ବିଭାଗ ନିଜଠାରୁ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' କରୁଥିବା ଏନ୍.ଜି.ଓ. ମାନଙ୍କର ଗୋଟିଏ ସୁଦ୍ଧା ତାଲିକା ପ୍ରକାଶ କରିପାରି ନାହାନ୍ତି, ସେମାନଙ୍କର ଅର୍ଥମଞ୍ଜୁରି ବନ୍ଦ କରିଦେବା ଦୂରର କଥା । ଅଥଚ, ଆମେ ଦେଖିଲୁ ସାରା ଦେଶରେ କେବଳ ଓଡିଶା ସରକାର ହିଁ ଆଗଚଲା ହୋଇ, ଫାଙ୍କା ଆକାଶକୁ ଟେକା ଫିଙ୍ଗିବା ଭଳି ଏକ ବିଜ୍ଞପ୍ତି ଜାରି କରିଦେଲେ, ଯେତେବେଳେ କି କେଉଁ ନିର୍ଦ୍ଦିଷ୍ଟ ଏନ୍.ଜି.ଓ. ମାନଙ୍କ ପାଇଁ ଏହି ବିଜ୍ଞପ୍ତି ଉଦ୍ଦିଷ୍ଟ, ତାହାର ବିଭାଗ-ଓ୍ୱାରି ତାଲିକା ଏପର୍ଯ୍ୟନ୍ତ ସର୍ବସାଧାରଣରେ ଉପଲବ୍ଧ ନୁହେଁ ।

## ଜନକର୍ତ୍ତୃପକ୍ଷଙ୍କ ପ୍ରକାରଭେଦ

ସରକାରୀ ସୂତ୍ରରୁ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' କରୁଥିବା ତଥା ସେହି କାରଣରୁ ସୂଚନା ଅଧିକାର ଆଇନ୍‌ର ପରିସରଭୁକ୍ତ ହେବାକୁ ଥିବା ବେସରକାରୀ ସଂଗଠନ ବା ଏନ୍.ଜି.ଓ.ଙ୍କ ବିଷୟରେ ଏକ ସୁସ୍ପଷ୍ଟ ଧାରଣା ଅର୍ଜନ କରିବାକୁ ହେଲେ ଆଇନ୍‌ର ଧାରା ୨(ଏଚ୍)ରେ ସଂଜ୍ଞାୟିତ ହୋଇଥିବା ତିନି ଧରଣର 'ଜନ କର୍ତ୍ତୃପକ୍ଷ'ଙ୍କ ବିଷୟରେ ଜାଣିବାକୁ ପଡିବ । ଧାରା ୨(ଏଚ୍)ରେ ପ୍ରଥମେ କୁହାଯାଇଛି ଯେ, ଯେଉଁସବୁ କର୍ତ୍ତୃପକ୍ଷ ବା ସ୍ୱାୟତ୍ତସଂସ୍ଥା ସମ୍ବିଧାନ ବଳରେ, କିମ୍ବା ସଂସଦ ବା ରାଜ୍ୟ ଆଇନ୍‌ସଭାରେ ପ୍ରଣୀତ କୌଣସି ଆଇନ୍ ବଳରେ କିମ୍ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ବିଜ୍ଞପ୍ତି ବଳରେ ପ୍ରତିଷ୍ଠିତ ବା ଗଠିତ ହୋଇଥିବେ, ସେମାନେ ହେଲେ ପ୍ରଥମ ଧାଡିର ଜନକର୍ତ୍ତୃପକ୍ଷ, ଯେଉଁମାନଙ୍କ ପାଇଁ ମୂଳତଃ ସୂଚନା ଅଧିକାର ଆଇନ୍ ପ୍ରଣୀତ ହୋଇଛି; ଦୃଷ୍ଟାନ୍ତ ସ୍ୱରୂପ, ଲୋକସଭା ବା ବିଧାନସଭା, ସୁପ୍ରିମ୍ କୋର୍ଟଙ୍କ ସମେତ ସମସ୍ତ ଅଦାଲତ, ପ୍ରତିରକ୍ଷା ଓ ପୋଲିସ୍, ରାଜଭବନ ଠାରୁ ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ସରକାରୀ ଦପ୍ତର ଇତ୍ୟାଦି । ଏହାପରେ ଦ୍ୱିତୀୟ ଧରଣର ଜନକର୍ତ୍ତୃପକ୍ଷ ହେଉଛନ୍ତି, ଯେଉଁମାନଙ୍କୁ କେନ୍ଦ୍ର ବା ରାଜ୍ୟସରକାର ସ୍ୱତନ୍ତ୍ର ବିଜ୍ଞପ୍ତି ବା ଆଦେଶ ବଳରେ ପ୍ରତିଷ୍ଠା ବା ନିୟନ୍ତ୍ରଣ କରିଥାନ୍ତି ବା ସେମାନଙ୍କର ପରିଚାଳନାର ବିପୁଳାଂଶ (ସବ୍‌ଷ୍ଟାନ୍‌ସିଆଲ୍) ଅର୍ଥରାଶି ବହନ କରିଥାନ୍ତି, ଯଥା- ଓଡିଶା ସରକାରଙ୍କ କମ୍ପ୍ୟୁଟର୍ ଆପ୍ଲିକେଶନ୍ ସେଣ୍ଟର୍ ବା ପ୍ରୋଜେକ୍ଟ ବସୁନ୍ଧରା । ବୁଝିବାରେ ସୁବିଧା ପାଇଁ ପ୍ରଥମ ଓ ଦ୍ୱିତୀୟ ଧରଣର ଜନ କର୍ତ୍ତୃପକ୍ଷଙ୍କୁ ମୋଟ୍ ଉପରେ ସରକାରୀ ଜନକର୍ତ୍ତୃପକ୍ଷ ନାମରେ ଅଭିହିତ କରାଯାଇପାରେ । ତୃତୀୟ ଧରଣର ଜନ କର୍ତ୍ତୃପକ୍ଷ ହେଉଛନ୍ତି ସେହି ବେସରକାରୀ ବା ଘରୋଇ ସଂଗଠନସମୂହ, ଯେଉଁମାନେ କି ସ୍ୱୟଂ ସୃଷ୍ଟ ଏବଂ ସ୍ୱୟଂ ପରିଚାଳିତ, ଅଥଚ କେନ୍ଦ୍ର ବା ରାଜ୍ୟ ବା ଉଭୟ ସରକାରଙ୍କ ଠାରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବିପୁଳାଂଶ ଅର୍ଥରାଶିର ସହାୟତା ହାସଲ କରିଥାନ୍ତି । କିନ୍ତୁ ସମସ୍ୟାଟି ହେଲା, ସୂଚନା ଅଧିକାର ଆଇନ୍ ୨୦୦୫ରେ କିମ୍ବା ଏହା ଅଧୀନରେ ଘୋଷିତ ହୋଇଥିବା କେନ୍ଦ୍ରୀୟ ନିୟମାବଳୀ ବା ମାର୍ଗଦର୍ଶୀକାରେ, କିମ୍ବା ଓଡିଶା ସମେତ ଅନ୍ୟ କୌଣସି ରାଜ୍ୟ ନିୟମାବଳୀ ବା ମାର୍ଗଦର୍ଶୀକାରେ କେଉଁଠି 'ବିପୁଳାଂଶ ଅର୍ଥପ୍ରାପ୍ତି' ବା 'ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ' ଶବ୍ଦମାନଙ୍କର ସ୍ପଷ୍ଟୀକରଣ ଦିଆଯାଇନି । ଏସବୁ ସ୍ପଷ୍ଟୀକରଣ ନଦେଇ ଏନ୍.ଜି.ଓ. ମାନଙ୍କ ପ୍ରତି ସୂଚନା ଅଧିକାର ଆଇନ୍ ଲାଗୁ ହୋଇଗଲା ବୋଲି ହଠାତ୍ ବିଜ୍ଞପ୍ତି ପ୍ରକାଶ କରିବା ଓଡିଶା ସରକାରଙ୍କ ପକ୍ଷେ ଧୃଷ୍ଟତା ମାତ୍ର ।

## ବେସରକାରୀ ସଂଗଠନର ପ୍ରକାରଭେଦ

ବର୍ତ୍ତମାନ ଜାଣିବା ଉଚିତ୍ କେତେ ପ୍ରକାରର ଏନ୍.ଜି.ଓ. ବା ବେସରକାରୀ ସଂଗଠନ ଅଛନ୍ତି । କେବଳ ସୋସାଇଟି ରେଜିଷ୍ଟ୍ରେସନ୍ ଆଇନ୍ ୧୮୬୦ ଅଧୀନରେ ପଂଜିକୃତ ହୋଇଥାନ୍ତି ଅସଂଖ୍ୟ ଧରଣର ସଂଗଠନ ଯଥା ସ୍ୱେଚ୍ଛାସେବୀ ବା ଦାତବ୍ୟ ସଂସ୍ଥା, ଯୁବକ ସଂଘ ବା ମହିଳା ସମିତି, କ୍ରୀଡା ବା ମନୋରଞ୍ଜନ କ୍ଲବ୍, ଶିକ୍ଷାନୁଷ୍ଠାନ ବା ଚିକିତ୍ସାକେନ୍ଦ୍ର, ସାହିତ୍ୟ ବା ସାଂସ୍କୃତିକ ଅନୁଷ୍ଠାନ, ଓକିଲ ବା ବଣିକ ସଂଘ ଇତ୍ୟାଦି । ଏହାଛଡା ଲୋକପ୍ରତିନିଧି ଆଇନ୍ ୧୯୫୧ ଅଧୀନରେ ପଂଜିକୃତ ହେଉଥିବା ରାଜନୈତିକ ଦଳ, ଓଡିଶା ସମବାୟ ସମିତି ଆଇନ୍ ୧୯୬୨ ଅଧୀନରେ ପଂଜିକୃତ ହେଉଥିବା ସମବାୟ ସମିତି, ଓଡିଶା ସ୍ୱୟଂ-ସହାୟକ ସମବାୟ ସମିତି ଆଇନ୍ ୨୦୦୧ ଅଧୀନରେ ପଂଜିକୃତ ହେଉଥିବା ଏସ୍.ଏଚ୍.ଜି., କମ୍ପାନୀ ଆଇନ୍ ୧୯୫୬ ଅଧୀନରେ ପଂଜିକୃତ ହେଉଥିବା କମ୍ପାନୀ, ଟ୍ରେଡ୍ ୟୁନିୟନ୍ ଆଇନ୍ ୧୯୨୬

ଅଧୀନରେ ଏକ ଶ୍ରମିକ ସଂଗଠନ, ଭାରତୀୟ ଟ୍ରଷ୍ଟ ଆଇନ୍ ୧୮୮୨ ଅଧୀନରେ ପଂଜିକୃତ ହେଉଥିବା ଟ୍ରଷ୍ଟ, ଓଡିଶା ହିନ୍ଦୁ ଦେବୋତ୍ତର ସମ୍ପତ୍ତି ଆଇନ୍ ୧୯୫୧ ଅଧୀନରେ ପରିଚାଳିତ ଏକ ମନ୍ଦିର, ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟ (ରେଗୁଲେସନ୍) ଆକ୍ଟ ୧୯୫୬ ଦ୍ୱାରା ସ୍ୱୀକୃତ ହେଉଥିବା ଏକ ଷ୍ଟକ୍ ଏକ୍ସଚେଞ୍ଜ, ପ୍ରେସ୍ ଏଣ୍ଡ ରେଜିଷ୍ଟ୍ରେସନ୍ ଅଫ୍ ବୁକ୍ସ ଆକ୍ଟ ୧୮୬୭ ଅଧୀନରେ ପଂଜିକୃତ ଏକ ସମ୍ବାଦପତ୍ର, ବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିକଟରେ ପଂଜିକୃତ ଏକ ଦେଶୀ ବା ବିଦେଶୀ ଟିଭି ଚାନେଲ୍ - ଏମାନେ ସମସ୍ତେ ହେଉଛନ୍ତି ଏନ୍.ଜି.ଓ. ବା ବେସରକାରୀ ସଂଗଠନ । ଏମାନେ କୌଣସି ସରକାରୀ ସାହାଯ୍ୟ ପାଇଥାନ୍ତୁ ବ ନଥାନ୍ତୁ, ଅଥବା ଜନକର୍ତ୍ତୃପକ୍ଷ ଭାବେ ଘୋଷିତ ହୋଇଥାନ୍ତୁ ବା ନଥାନ୍ତୁ, ସେମାନଙ୍କ ବିଷୟରେ ଜାଣିବାର ଅଧିକାର ପ୍ରତି ନାଗରିକର ଅଛି । କିନ୍ତୁ, ସେମାନଙ୍କ ବିଷୟରେ ଜାଣିବାର ଉତ୍ସ ଅଛି ଦୁଇଟି । ଗୋଟିଏ ହେଲା, ସେମାନଙ୍କୁ ନିୟନ୍ତ୍ରଣ କରୁଥିବା ସରକାରୀ ଜନକର୍ତ୍ତୃପକ୍ଷଙ୍କ ନିକଟରୁ (ଧାରା ୨-ଏଫ୍) ଏବଂ ଅନ୍ୟଟି ହେଲା, ଯେଉଁ ବେସରକାରୀ ସଂଗଠନମାନେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବିପୁଳାଂଶ ସରକାରୀ ସହାୟତା ପାଉଥିବା କାରଣରୁ ଜନକର୍ତ୍ତୃପକ୍ଷ ଭାବେ ଘୋଷିତ ହୋଇଛନ୍ତି, ସେମାନଙ୍କୁ ସିଧାସଳଖ ଆବେଦନ କରିବା ଜରିଆରେ [ଧାରା ୨(ଏଚ୍)(ଡି-୨)] । ଏହାଛଡା ଦ୍ୱିତୀୟ ଧରଣର ସଂଗଠନମାନ (ବେସରକାରୀ ଜନକର୍ତ୍ତୃପକ୍ଷ)ଙ୍କ ସମ୍ବନ୍ଧରେ ସୂଚନା ମଧ୍ୟ ସେମାନଙ୍କୁ ନିୟନ୍ତ୍ରଣ କରୁଥିବା ସରକାରୀ ଜନକର୍ତ୍ତୃପକ୍ଷଙ୍କୁ ଧାରା ୨-ଏଫ୍ ବଳରେ ଆବେଦନ ମାଧ୍ୟମରେ ହାସଲ କରିହେବ ।

**ଏନ୍.ଜି.ଓ. ସମ୍ବନ୍ଧୀତ ସୂଚନା ପାଇଁ ଉତ୍ତରଦାୟୀ କିଏ ?**

ଆମେ ଜାଣିବା ଦରକାର ଯେ, କୌଣସି ଘରୋଇ ବା ବେସରକାରୀ ସଂସ୍ଥା ସମ୍ବନ୍ଧରେ ଜନସ୍ୱାର୍ଥ-ସଂଶ୍ଳିଷ୍ଟ ସୂଚନା ଜାଣିବା ପାଇଁ ପ୍ରତି ନାଗରିକର ଅଧିକାର ରହିଛି; ତେଣୁ ଧାରା ୨(ଏଫ୍)ରେ ସୂଚନାର ବିଭିନ୍ନ ରୂପ ଭିତରୁ ଗୋଟିଏ ହେଲା, 'ଏକ ଘରୋଇ (ବା ବେସରକାରୀ) ସଂସ୍ଥା ସମ୍ବନ୍ଧରେ ଏଭଳି ଏକ ସୂଚନା, ଯାହାକି ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ବଳରେ ଏକ ଜନକର୍ତ୍ତୃପକ୍ଷଙ୍କ ନିକଟରେ ଉପଲବ୍ଧ ହୋଇଥାଏ' । ଏବଂ ଏଠାରେ ଉକ୍ତ ବେସରକାରୀ ସଂଗଠନ ସରକାରୀ ପାଣ୍ଠି ପାଉଛି କି ନାହିଁ ବା କେତେ ପାଉଛି, ସେ ବିଷୟରେ କିଛି କୁହାଯାଇନି । ଏହାର ଅର୍ଥ, ଯଦି ଆପଣ ଗୋଟିଏ ବେସରକାରୀ ସଂଗଠନ ବିଷୟରେ କିଛି ଜାଣିବାକୁ ଚହୁଁଥିବେ, ତେବେ ସେହି ସଂସ୍ଥା ଯେଉଁ ସରକାରୀ ଜନକର୍ତ୍ତୃପକ୍ଷଙ୍କ ନିକଟରେ ଉତ୍ତରଦାୟୀ, ତାଙ୍କ ନିକଟରେ ଆବେଦନ କରିବେ । ଉଦାହରଣ ସ୍ୱରୂପ, ଯଦି ଆପଣ ଗୋଟିଏ ବେସରକାରୀ ସଂଗଠନର ପଂଜିକରଣ ଓ ପରିଚାଳନା ସମ୍ବନ୍ଧରେ ଜାଣିବାକୁ ଚାହାଁନ୍ତି, ତେବେ ସଂପୃକ୍ତ ପଂଜିକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ପଡିବ । ପୁଣି, ଯଦି ଆପଣ ସେହି ସଂସ୍ଥା ଭିତରେ ଘଟିଥିବା ଏକ ଫୌଜଦାରୀ ଅପରାଧ ବିଷୟରେ ଜାଣିବାକୁ ଚାହାଁନ୍ତି, ତେବେ ସଂପୃକ୍ତ ପୋଲିସ୍ ଥାନା ନିକଟରେ ଆବେଦନ କରିବାକୁ ପଡିବ । ଯଦି ଏହିସବୁ ଜନକର୍ତ୍ତୃପକ୍ଷଙ୍କ ନିକଟରେ ସେହି ସମ୍ବନ୍ଧୀୟ ସୂଚନା ଥାଏ, ତେବେ ସେ ଆପଣଙ୍କୁ ଉକ୍ତ ସୂଚନା ଦେବେ ନଚେତ୍ ଆବେଦିତ ସୂଚନା ତାଙ୍କ ପାଖରେ ଉପଲବ୍ଧ ନୁହେଁ ବୋଲି ଉତ୍ତରରେ ଜଣାଇଦେବେ । ମନେ ରଖିବାକୁ ପଡିବ, ଗୋଟିଏ ଜନକର୍ତ୍ତୃପକ୍ଷ ଏକ ବେସରକାରୀ ସଂସ୍ଥା ସଂବନ୍ଧରେ କେବଳ ସେହି ସୂଚନା ଦେବା ପାଇଁ ଉତ୍ତରଦାୟୀ, ଯାହାକି ତାଙ୍କ ନିକଟରେ ଆଇନତଃ ଉପଲବ୍ଧ, ଅନ୍ୟଥା ନୁହେଁ । ***[ଦ୍ରଷ୍ଟବ୍ୟ- କେନ୍ଦ୍ରୀୟ ସୂଚନା କମିଶନ୍ଙ୍କ ଦ୍ୱାରା ୨୧.୯.୦୭ରେ ମୀମାଂସିତ ଅପିଲ୍ କେଶ୍ ଦିଲ୍ଲୀପ ଆୟାଚିତେ ବନାମ ଇନ୍ସୁରାନ୍ସ ରେଗୁଲେଟରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି, ହାଇଦ୍ରାବାଦ]*** । ସୁତରାଂ, ଗୋଟିଏ ବେସରକାରୀ ସଂଗଠନକୁ ସରକାରୀ ସହାୟତା ଯେତେ ଅଧିକ ବା କମ୍ ମିଳୁଥାଉନା କାହିଁକି, ତାହା ସମ୍ବନ୍ଧରେ ସୂଚନା ପ୍ରଦାନ କରିବାର ମୌଳିକ ଦାୟିତ୍ୱ ହେଲା ତାକୁ ନିୟନ୍ତ୍ରଣ କରୁଥିବା ସରକାରୀ ଜନକର୍ତ୍ତୃପକ୍ଷଙ୍କର, ସେହି ସଂଗଠନର ନୁହେଁ ।

**ତଥାକଥିତ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' ସମ୍ବନ୍ଧରେ**

ଓଡିଶା ସରକାରଙ୍କ ବିଜ୍ଞପ୍ତିରେ ଆଇନ୍‌ରେ ବ୍ୟବହୃତ 'ସବ୍‌ଷ୍ଟାନ୍‌ସିଆଲି ଫାଇନାନ୍ସଡ୍'ର ଅନୁବାଦ ରୂପେ 'ଦୃଶ୍ୟମାନ ଅର୍ଥପ୍ରାପ୍ତି' ବୋଲି ଶବ୍ଦଯୁଗଳ ବ୍ୟବହାର କରାଯାଇଛି, ଯଦିଓ ମୂଳ ଆଇନ୍‌ରେ 'ସବ୍‌ଷ୍ଟାନ୍‌ସିଆଲି ଫାଇନାନ୍ସଡ୍' (ସଠିକ୍ ଅନୁବାଦ 'ବିପୁଳାଂଶ ଅର୍ଥପୁଷ୍ଟ' କି !) କିମ୍ବା ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ତଥାକଥିତ 'ଦୃଶ୍ୟମାନ ଅର୍ଥପ୍ରାପ୍ତି'ର କୌଣସି ବ୍ୟାଖ୍ୟା ନାହିଁ । ଯାହାହେଉନା କାହିଁକି, 'ଦୃଶ୍ୟମାନ ଅର୍ଥପ୍ରାପ୍ତି' ଏକ ଭୁଲ୍ ଅନୁବାଦ, ଯାହାକି ବ୍ୟାଖ୍ୟା ଅଭାବରୁ ବିଜ୍ଞପ୍ତିର ଆପାତ ଉଦ୍ଦେଶ୍ୟକୁ ଅଧିକ ଧୂମାୟିତ କରିଦେଉଛି ଏବଂ ଯେଉଁ କାରଣରୁ ଏହି ବ୍ୟବସ୍ଥାର ବ୍ୟାପକ ଦୁରୁପଯୋଗ ହେବାର ଆଶଙ୍କା ରହିଛି । ଉଦାହରଣ ସ୍ୱରୂପ, ସ୍ଥଳବିଶେଷରେ ପୋସ୍କୋ-ଇଣ୍ଡିଆ ଭଳି ଏକ ଘରୋଇ କମ୍ପାନୀକୁ ରାଜ୍ୟ ସରକାର ରିହାତି ହାରରେ ହଜାରହଜାର ସରକାରୀ ଜମି ଯୋଗାଇଦେବା ଦୃଶ୍ୟମାନ ନହୋଇପାରେ, ଅଥଚ ଆମ ଗାଁ କ୍ଲବ୍‌କୁ ସରକାରଙ୍କ ଯୁବବିଭାଗ ତରଫରୁ ମିଳିଥିବା ମାତ୍ର ୫ହଜାର ଟଙ୍କା ଉଭୟ ଜନକର୍ତ୍ତୃପକ୍ଷ ଏବଂ ଜନସାଧାରଣଙ୍କୁ ଦୃଶ୍ୟମାନ ହୋଇପାରେ । ପୁଣି, ଏହି ବିଜ୍ଞପ୍ତିରୁ ମୂଳ ଆଇନ୍‌ର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବ୍ୟକ୍ତି ବାଦ୍ ପଡିଛି, ତାହା ହେଲା, 'ପ୍ରତ୍ୟକ୍ଷ ବା ପରୋକ୍ଷରେ ମିଳୁଥିବା ସରକାରୀ ଅର୍ଥ-ସହାୟତା', ଯାହା ଫଳରେ ବିଜ୍ଞପ୍ତିର ଆପାତ ଉଦ୍ଦେଶ୍ୟ ପୁଣି ବ୍ୟାହତ ହେବାର ଆଶଙ୍କା ରହିଛି । ସାଧାରଣ ଭାବେ ପ୍ରତ୍ୟକ୍ଷ ସହାୟତାର ଅର୍ଥ ହେଲା ଆର୍ଥିକ ଅର୍ଥରାଶି ଆକାରରେ ସହାୟତା ଏବଂ ଅପ୍ରତ୍ୟକ୍ଷ ବା ପରୋକ୍ଷ ସହାୟତାର ଅର୍ଥ ହେଲା, ଅଣ-ଆର୍ଥିକ, ଯଥା ଜମି, କର୍ମଚାରୀ, ସବ୍‌ସିଡି, ରିହାତି, ଅବ୍ୟାହତି ବା ଏହିଭଳି ଆଉ କିଛି ପ୍ରକାରର ସହାୟତା । ସୁତରାଂ କେଉଁ ବେସରକାରୀ ସଂଗଠନ ସୂଚନା ଆଇନ୍ ଦୃଷ୍ଟିରେ ଜନକର୍ତ୍ତୃପକ୍ଷ ଭାବେ ପରିଗଣିତ ହେବ, ତହିଁର ନିର୍ଦ୍ଧାରଣ ପାଇଁ ପ୍ରଥମ ସର୍ତ୍ତ ହେଲା, ତାକୁ ମିଳୁଥିବା ସରକାରୀ ସହାୟତା ତା'ର ମୋଟ୍ ବ୍ୟୟର 'ବିପୁଳାଂଶ' (ବା ସବ୍‌ଷ୍ଟାନ୍‌ସିଆଲ୍) କି ? ଦ୍ୱିତୀୟରେ, ତାକୁ ମିଳୁଥିବା ସରକାରୀ ସହାୟତା ପ୍ରତ୍ୟକ୍ଷ ନହେଲେ ମଧ୍ୟ ପରୋକ୍ଷ ଭାବେ ତା'ର ମୋଟ୍ ପାଣ୍ଠିର 'ବିପୁଳାଂଶ' କି ? ***(ଦ୍ରଷ୍ଟବ୍ୟ- କେନ୍ଦ୍ରୀୟ ସୂଚନା କମିଶନ୍ଙ୍କ ଦ୍ୱାରା ୨୩.୧.୦୭ରେ ମୀମାଂସିତ କେଶ୍ ଶ୍ରୀମତୀ ମଞ୍ଜୁ ଏସ୍. କୁମାର ବନାମ ସଂସ୍କୃତ ବିଦ୍ୟାଳୟ, ନୂଆଦିଲ୍ଲୀ)*** ।

**କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ବ୍ୟାଖ୍ୟା**

ଆଇନ୍‌ର ଧାରା ୩୦ ଅନୁଯାୟୀ ଆଇନ୍‌ର କୌଣସି ବ୍ୟବସ୍ଥାର କାର୍ଯ୍ୟକାରିତାରେ କିଛି ସମସ୍ୟା ବା ଜଟିଳତା ଦେଖାଦେଲେ, କେବଳ କେନ୍ଦ୍ର ସରକାର ତହିଁର ସମାଧାନ ପାଇଁ ଆବଶ୍ୟକୀୟ ମାର୍ଗଦର୍ଶୀକା ଜାରି କରିପାରିବେ ଏବଂ ତାହା ପୁଣି ଆଇନ୍ ଲାଗୁ ହେବା ତାରିଖ (୧୫ ଜୁନ୍ ୨୦୦୫)ର ଦୁଇବର୍ଷ ମଧ୍ୟରେ । ଏହି ଆଇନ୍ ସଂସଦ ଦ୍ୱାରା ପ୍ରଣୀତ ହୋଇଥିବା ଏକ ସଂପୂର୍ଣ୍ଣ କେନ୍ଦ୍ରୀୟ ଆଇନ୍ ହୋଇଥିବାରୁ ଏ ବ୍ୟାପାରରେ ରାଜ୍ୟ ସରକାରଙ୍କର କୌଣସି କ୍ଷମତା ନାହିଁ । କେବଳ ଆଇନ୍ ନିର୍ଦ୍ଦେଶିତ ବିଷୟସୂଚୀ, ବିଶେଷକରି ଧାରା-୨୭ର ବିଷୟସୂଚୀ ଉପରେ ତଥା ଆଇନ୍ ନିର୍ଦ୍ଦେଶିତ ସୀମା ଭିତରେ ରହି ଗୋଟିଏ ରାଜ୍ୟ ସରକାର ଆଇନ୍‌ର ବିଭିନ୍ନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଯାହାକିଛି ନିୟମାବଳୀ ପ୍ରଣୟନ କରିପାରନ୍ତି, ଓ ତାହା ପୁଣି ବିଧିବଦ୍ଧ ରୀତିରେ । ବର୍ତ୍ତମାନ ଦେଖାଯାଉ, ବେସରକାରୀ ସଂଗଠନ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କର କୌଣସି ମାର୍ଗଦର୍ଶୀକା ନଥିବା ବେଳେ କେନ୍ଦ୍ରୀୟ ସୂଚନା କମିଶନ୍ ବିଭିନ୍ନ ମାମଲା ପରିପ୍ରେକ୍ଷୀରେ କିଭଳି ଏହି ବିଷୟ ଉପରେ ବିଚାରବିମର୍ଷ କରିଛନ୍ତି । ***୧ ଓ ୨୮ ମଇ ୨୦୦୭ରେ ପ୍ରଦୀପ ଗୁପ୍ତା ବନାମ ଲୋକ ସେବକ ମଣ୍ଡଳ*** କେଶ୍‌ର ଶୁଣାଣି କରି ସେ କହିଛନ୍ତି ଯେ, ଯେଉଁ ବେସରକାରୀ ସଂସ୍ଥା ସି.ଏ.ଜି. ଆଇନ୍ ୧୯୭୧ର ଧାରା ୧୪ରେ ସଂଜ୍ଞାୟିତ ହୋଇଥିବା 'ବିପୁଳାଂଶ ଅର୍ଥସହାୟତା' (ବା ସବ୍‌ଷ୍ଟାନ୍‌ସିଆଲ୍ ଫାଇନାନ୍ସ) କେନ୍ଦ୍ର ବା ରାଜ୍ୟ ସରକାରଙ୍କ ସୂତ୍ରରୁ ପାଇଥିବେ, ଏବଂ ସି.ଏ.ଜି. ଅଡିଟ୍ ପାଇଁ ଯୋଗ୍ୟ ବିବେଚିତ ହେଉଥିବେ, ସେ ସୂଚନା ଅଧିକାର ଆଇନ୍‌ର ପରିସରଭୁକ୍ତ ହେବେ । ସି.ଏ.ଜି.

ଆଇନ୍‌ର ଧାରା ୧୪(୧) ଅନୁଯାୟୀ ଯେଉଁ ବେସରକାରୀ ସଂସ୍ଥା ସରକାରୀ ସୂତ୍ରରୁ ୨୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପାଉଥିବେ ବା ଯେଉଁସଂସ୍ଥାର ମୋଟ୍ ବ୍ୟୟର ଶତକଡା ୭୫ଭାଗ ସରକାରୀ ସୂତ୍ରରୁ ବହନ କରାଯାଉଥିବ, ସେହି ସଂସ୍ଥା 'ବିପୁଳାଂଶ ଅର୍ଥସହାୟତା' (ସବ୍‌ଷ୍ଟାନ୍‌ସିଆଲ୍ ଫାଇନାନ୍ସ) ପାଉଛନ୍ତି ବୋଲି ଧରିନିଆଯିବ । ପୁଣି ଧାରା ୧୪(୨)ରେ କୁହାଯାଇଛି, ଯେଉଁ ବେସରକାରୀ ସଂସ୍ଥା ସରକାରୀ ସୂତ୍ରରୁ ଅନ୍ୟୁନ ୧କୋଟି ଟଙ୍କା ପାଉଥିବେ, ସେମାନଙ୍କର ମୋଟ୍ ବ୍ୟୟରେ ସରକାରୀ ଅର୍ଥରାଶିର ଅଂଶ ଯାହା ହେଉନା କାହିଁକି, ସେହି ସଂସ୍ଥା ମଧ୍ୟ ସି.ଏ.ଜି.ଙ୍କ ଦ୍ୱାରା ଅଡିଟ୍-ଯୋଗ୍ୟ ବିବେଚିତ ହେବେ । ସି.ଏ.ଜି.ଙ୍କ ଉକ୍ତ ମାନଦଣ୍ଡ ଦ୍ୱୟ ଦ୍ୱାରା ପରିଚାଳିତ ହୋଇ କେନ୍ଦ୍ରୀୟ କମିଶନ୍ ନିଷ୍ପତ୍ତି କରିଥିଲେ ଯେ, ଲୋକସେବକ ମଣ୍ଡଳ ଏବଂ ଏହାର ଅନ୍ୟ କେତେକ ପ୍ରକଳ୍ପ ସୂଚନା ଅଧିକାର ଆଇନ୍‌ର ପରିସରଭୁକ୍ତ ହେଉନଥିଲେ ହେଁ, ଏହା ଦ୍ୱାରା ପରିଚାଳିତ ବଳବନ୍ତରାୟ ମେହେଟା ସିନିୟର ସେକେଣ୍ଡାରୀ ସ୍କୁଲ୍ ନିଜ ବାର୍ଷିକ ବ୍ୟୟର ଶତକଡା ୯୫ଭାଗ ଅର୍ଥ ସରକାରୀ ସୂତ୍ରରୁ ପାଉଥିବା ହେତୁ ସୂଚନା ଆଇନ୍‌ର ପରିସରଭୁକ୍ତ ଏବଂ ତେଣୁକରି ସେହି ସ୍କୁଲ୍‌ରେ ଜନସୂଚନା ଅଧିକାରୀ ନିଯୁକ୍ତ ହେବା ଜରୁରୀ । ***ଶ୍ରୀ ବୀରେଶ୍ ମଲ୍ଲିକ ବନାମ ଅଲିମ୍ପିକ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ କେଶ୍‌କୁ କମିଶନ୍ ତା ୨୮.୧୧.୨୦୦୬***ରେ ଚୂଡାନ୍ତ ଶୁଣାଣି କରି ଉକ୍ତ ଆସୋସିସନ୍‌କୁ ଏକ ଜନକର୍ତ୍ତୃପକ୍ଷ ଭାବେ ଘୋଷଣା କରିଥିଲେ, କାରଣ, ସେହି ଆସୋସିଏସନ୍ ପ୍ରତିବର୍ଷ ନିଜର ଚଳନ୍ତି ଖର୍ଚ୍ଚ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଅର୍ଥ ପାଉନଥିଲେ ମଧ୍ୟ ଅତୀତରେ ଏକ ନିର୍ଦ୍ଦିଷ୍ଟ ବର୍ଷରେ ନିଜର ସମୁଦାୟ ବ୍ୟୟର ଶତକଡା ୮୦ ଭାଗ ସରକାରୀ ସୂତ୍ରରୁ ପାଇଥିଲେ, ତଥା ସରକାରୀ ଷ୍ଟାଡିଅମ୍‌ରେ ନିଜର ଅଲିମ୍ପିକ ଭବନର ନିର୍ମାଣ ପାଇଁ ବିଭିନ୍ନ ସରକାରୀ ସୂତ୍ରରୁ ଅର୍ଥସାହାଯ୍ୟ ପାଇଥିଲେ ତଥା ନିଜର କ୍ରୀଡା କାର୍ଯ୍ୟକ୍ରମ ପାଇଁ ପ୍ରତିବର୍ଷ ଏହି ଷ୍ଟାଡିଅମ୍‌କୁ ବ୍ୟବହାର କରିଆସୁଛନ୍ତି । ପୁଣି ଅନ୍ୟପକ୍ଷରେ ଲକ୍ଷ୍ୟ କରାଯାଇଛି, କମିଶନ୍ ରାଜନୈତିକ ଦଳମାନଙ୍କୁ ଜନକର୍ତ୍ତୃପକ୍ଷ ଭାବେ ବିବେଚନା କରିନାହାନ୍ତି ଏବଂ ସେମାନଙ୍କର ଆୟ-ବ୍ୟୟ ସମ୍ବନ୍ଧୀୟ ସୂଚନା ଜନସାଧାରଣ ଆୟକର ବିଭାଗ ଠାରୁ ଏହି ଆଇନ୍‌କୁ ପ୍ରୟୋଗ କରି ହାସଲ କରିପାରିବେ ବୋଲି ମତ ଦେଇଛନ୍ତି ***[ଦ୍ରଷ୍ଟବ୍ୟ- ତା ୮.୭.୨୦୦୯ରେ ବଳବନ୍ତସିଂ ଖେରା ଏବଂ ଡକ୍ଟର୍ କୁଲଦୀପ୍ ଭାଟସଙ୍କ ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି ]*** । ଆଉ ଏକ କେଶ୍‌ରେ କେନ୍ଦ୍ରୀୟ କମିଶନ୍ ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି, ତାହା ଏକ ନୂଆ ପ୍ରଶ୍ନବାଚୀ ଛିଡା କରିଛି । ଭାରତ ଆଲ୍‌ମୁନିୟମ୍ କମ୍ପାନୀ ଲିମିଟେଡ୍ (ବାଲ୍‌କୋ)ର ମୋଟ୍ ଅଂଶଧନର ଶତକଡା ୪୯ଭାଗ ଭାରତ ସରକାରଙ୍କର ରହିଛି ଏବଂ ତାହା 'ବିପୁଳାଂଶ ଅର୍ଥରାଶି' (୨୫ ଲକ୍ଷ ଟଙ୍କା)ରୁ ଯଥେଷ୍ଟ ଅଧିକ ହୋଇଥିଲେ ହେଁ ବାଲ୍‌କୋ ଗୋଟିଏ ଜନକର୍ତ୍ତୃପକ୍ଷ ରୂପେ ବିବେଚିତ ହୋଇପାରିବ ନାହିଁ, କିନ୍ତୁ ବାଲ୍‌କୋ ସମ୍ବନ୍ଧୀୟ ସୂଚନା ଦେବାପାଇଁ ଏହାର ନିୟନ୍ତ୍ରକ ସରକାରୀ ଜନକର୍ତ୍ତୃପକ୍ଷ କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟ ଉତ୍ତରଦାୟୀ ରହିବେ ବୋଲି କେନ୍ଦ୍ରୀୟ କମିଶନ୍ ନିଜର ନିଷ୍ପତ୍ତି ଶୁଣାଇଛନ୍ତି ***(୨୭.୧୨.୨୦୦୭ରେ ମୀମାଂସିତ ହୋଇଥିବା କେଶ୍ ଶ୍ରୀ ଲକ୍ଷ୍ମୀ ଚୌହାନ ବନାମ କେନ୍ଦ୍ର ଖଣି ମନ୍ତ୍ରଣାଳୟ)*** । ଏହିପରି କେନ୍ଦ୍ରୀୟ କମିଶନ୍‌ଙ୍କ ନିଷ୍ପତ୍ତିଗୁଡିକୁ ଯଦି ତର୍ଜମା କରାଯାଏ, ତେବେ ଆମେ ଲକ୍ଷ୍ୟ କରିପାରିବା, 'ବିପୁଳାଂଶ ଅର୍ଥସହାୟତା' ସମ୍ବନ୍ଧୀତ ସି.ଏ.ଜି.ଙ୍କ ମାନଦଣ୍ଡକୁ କମିଶନ୍ ମୋଟ୍ ଉପରେ ଗ୍ରହଣ କରିଥିଲେ ହେଁ, ପ୍ରତି କେଶ୍ ଓ ପ୍ରତି ଏନ୍.ଜି.ଓ. କ୍ଷେତ୍ରରେ କମିଶନ୍ ଏକ ସାମଗ୍ରୀକ ବିଚାର କରି ସୂଚନା ଅଧିକାର ଆଇନ୍ ଓ ଅନ୍ୟ ପ୍ରଚଳିତ ବିଧିବିଧାନର ସମ୍ମିଳିତ ଅଧ୍ୟୟନ ଭିତ୍ତିରେ ନିଜର ନିଷ୍ପତ୍ତି ଗ୍ରହଣ କରିଛନ୍ତି, ଯାହାକି ସଂପୃକ୍ତ ପକ୍ଷମାନଙ୍କ ନିକଟରେ ମୋଟାମୋଟି ଗ୍ରହଣୀୟ ହୋଇପାରିଛି । ମନେହୁଏ, ଯେ ପର୍ଯ୍ୟନ୍ତ କମିଶନ୍‌ଙ୍କ ସୁପାରିଶ୍ ମାନି ସରକାରୀ ମନ୍ତ୍ରଣାଳୟ ଓ ବିଭାଗମାନେ ସଂପୃକ୍ତ ଏନ୍.ଜି.ଓ.ମାନଙ୍କୁ ବେସରକାରୀ ଜନକର୍ତ୍ତୃପକ୍ଷ ଭାବେ ଚିହ୍ନିତ ଓ ବିଜ୍ଞାପିତ କରିନାହାନ୍ତି, ସେପର୍ଯ୍ୟନ୍ତ କେବଳ କେନ୍ଦ୍ରୀୟ କମିଶନ୍ କାହିଁକି, ବିଭିନ୍ନ ରାଜ୍ୟ କମିଶନ୍‌ମାନେ ପ୍ରତି କେଶ୍‌ର ଗୁଣାଗୁଣକୁ ଭିତ୍ତି କରି ସଂପୃକ୍ତ ପକ୍ଷଭୁକ୍ତ ଏନ୍.ଜି.ଓ.ର ସ୍ଥିତି ଉପରେ ନିଜର ନିଷ୍ପତ୍ତି ଶୁଣାଇଚାଲିବେ ।

**ରାଜ୍ୟସରକାରଙ୍କ ବିଜ୍ଞପ୍ତି ଅବାସ୍ତବ**

'ପ୍ରତ୍ୟକ୍ଷ ବା ପରୋକ୍ଷ ଉପାୟରେ' ତଥାକଥିତ 'ଦୃଶ୍ୟମାନ ଅର୍ଥପ୍ରାପ୍ତି'ର ଅର୍ଥକୁ ବାଖ୍ୟା ନକରି ଏବଂ ରାଜ୍ୟସରକାରଙ୍କ ବିଭାଗମାନେ ସଂପୃକ୍ତ ଏନ୍.ଜି.ଓ. (ସୋସାଇଟି, କମ୍ପାନୀ, ଟ୍ରଷ୍ଟ, ଏସ୍.ଏଚ୍.ଜି., କ୍ଲବ୍, ରାଜନୈତିକ ଦଳ, ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥା ଇତ୍ୟାଦି)ଙ୍କୁ ଜନକର୍ତ୍ତୃପକ୍ଷ ରୂପେ ଚିହ୍ନିତ ଓ ବିଜ୍ଞାପିତ ନକରି ସରକାର ହଠାତ୍ ଯେପରି ଖବରକାଗଜମାନଙ୍କରେ ବିଜ୍ଞପ୍ତି ପ୍ରକାଶ କରିଦେଲେ, ତାହା କେବଳ ଯେ ନିରର୍ଥକ ହେବ ତାହା ନୁହେଁ, ବରଂ ସ୍ଥଳ ବିଶେଷରେ ସରକାରୀ କର୍ତ୍ତୃପକ୍ଷ ଓ ଏନ୍.ଜି.ଓ. ଭିତରେ ଏବଂ ଗୋଟିଏ ଏନ୍.ଜି.ଓ. ଏବଂ ଆଉ ଗୋଟିଏ ଏନ୍.ଜି.ଓ. ବା ସାଧାରଣ ନାଗରିକଙ୍କ ଭିତରେ ତୁମୂଳ କଳହର ସୂତ୍ରପାତ କରିବ । ଏହାଛଡା, ଟିକେ ତଳେଇ ଦେଖିଲେ ଜଣାଯିବ ଯେ, ରାଜ୍ୟ ସରକାର ତାଙ୍କ ବିଜ୍ଞପ୍ତିରେ ଯେଉଁ ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ର ସୂଚନା ଦେଇଛନ୍ତି, ତାହା ଏନ୍.ଜି.ଓ. କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରିବ ନାହିଁ । କାରଣ, ସମସ୍ତେ ଜାଣନ୍ତି, ଜଣେ ଆବେଦକ ଟ୍ରେଜେରି ଚାଲାଣ ଜରିଆରେ ଦରଖାସ୍ତ ଫିସ୍ ବା ଜଣେ ଅପିଲ୍‌କର୍ତ୍ତା କୋର୍ଟ ଫିସ୍ ଜରିଆରେ ଯେଉଁ ଅପିଲ୍ ଫିସ୍ ଦାଖଲ କରୁଛନ୍ତି, ତାହା ପରିଶେଷରେ ସରକାରୀ ତହବିଲ୍‌କୁ ଯାଉଛି । ତେଣୁ ଏଥିରେ ଗୋଟିଏ ସରକାରୀ ଜନକର୍ତ୍ତୃପକ୍ଷଙ୍କର କିଛି ଅସୁବିଧା ନାହିଁ । କିନ୍ତୁ ବେସରକାରୀ ଜନକର୍ତ୍ତୃପକ୍ଷଙ୍କ ନିକଟକୁ ଯଦି ଏହିସବୁ ଫିସ୍ ନଆସେ, ତେବେ ସେ କିପରି ଆବେଦନ ଓ ଅପିଲ୍-ସଂକ୍ରାନ୍ତୀୟ ଖର୍ଚ୍ଚ ଉଠାଇବେ ? ଦ୍ୱିତୀୟତଃ ସରକାରୀ ଜନକର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ତଥା ପ୍ରଥମ ଅପିଲ୍ ଅଧିକାରୀଙ୍କର ବେତନ, ଭତ୍ତା ଓ ଯାତାୟତ ଇତ୍ୟାଦି ବାବଦ ସମସ୍ତ ବ୍ୟୟ ବର୍ତ୍ତମାନ ଯଥାସ୍ଥିତି କେନ୍ଦ୍ର ଓ ରାଜ୍ୟ ସରକାର ବହନ କରୁଛନ୍ତି । କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ, ଜଣେ ବେସରକାରୀ ଜନକର୍ତ୍ତୃପକ୍ଷଙ୍କ ଦପ୍ତରରେ ଏହିସବୁ ଅଧିକାରୀମାନେ ନିଯୁକ୍ତ ହେଲେ ସେମାନଙ୍କର ବେତନାଦି ବ୍ୟୟ ତଥା ସୂଚନା ଅଧିକାର ଆଇନ୍‌କୁ ବିଧିବଦ୍ଧ ଭାବେ କ୍ରିୟାଶୀଳ କରିବା ପାଇଁ ଯେଉଁ ଦପ୍ତର ବା ଆନୁଷଙ୍ଗିକ ବ୍ୟବସ୍ଥା ସ୍ଥାନିତ କରାଯିବ, ତହିଁର ନିୟମିତ ବ୍ୟୟଭାର କିଏ ବହନ କରିବ ? ଏକଥା ସତ, ଧାରା ୪(୧-ବି) ଅଧୀନସ୍ଥ ସୂଚନାବଳୀକୁ ଯେ କୌଣସି ଗୋଟିଏ ଏନ୍.ଜି.ଓ. ସ୍ୱବ୍ୟୟରେ, ନିଜ ଢଙ୍ଗରେ ପ୍ରସ୍ତୁତ କରି ଜନସାଧାରଣଙ୍କ ଅବଗତି ନିମିତ୍ତ ରଖିପାରେ । କିନ୍ତୁ ବିଜ୍ଞପ୍ତିରେ ସୂଚୀତ ହୋଇଥିବା ଅନ୍ୟାନ୍ୟ ବ୍ୟବସ୍ଥା, ଯଥା ଧାରା-୫, ୭ ଓ ୧୯ର ପରିପାଳନ କରିବାକୁ ଗଲେ ଯେ କୌଣସି ଏନ୍.ଜି.ଓ. ପକ୍ଷେ ବିପୁଳ ଅର୍ଥବ୍ୟୟର ଆବଶ୍ୟକତା ରହିଛି । ଏହାଛଡା ଏ ବିଷୟ ମଧ୍ୟ ସ୍ପଷ୍ଟ ହେବା ଉଚିତ୍ ଯେ, ଯେହେତୁ ରାଜ୍ୟର ବେଶୀଭାଗ ଏନ୍.ଜି.ଓ. କେନ୍ଦ୍ରୀୟ ଅନୁଦାନ ପାଉଛନ୍ତି, ସେମାନେ କେନ୍ଦ୍ରୀୟ ସୂଚନା ଅଧିକାର ନିୟମାବଳୀ (ଯେଉଁଥିରେ ଓଡିଶା ନିୟମାବଳୀର ଫର୍ମ, ନାଗରିକ ପରିଚୟପତ୍ର, ଅପିଲ୍ ଫିସ୍, ଟ୍ରେଜେରି ଚାଲାଣ, କୋର୍ଟ ଫିସ୍ ବା ବି.ପି.ଏଲ୍.ଙ୍କ ପାଇଁ ସୂଚନା ଫିସ୍ ଭଳି ଉଦ୍ଭଟ ବ୍ୟବସ୍ଥା ନାହିଁ) ଅଧୀନରେ ପରିଚାଳିତ ହେବେ ନା ରାଜ୍ୟ ନିୟମାବଳୀ ଅଧୀନରେ ? ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୂଚନା ଆଇନ୍‌ର ପ୍ରାରମ୍ଭ କାଳରେ ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଏକ ମାର୍ଗ-ପ୍ରସ୍ତୁତି ଉଦ୍ଦେଶ୍ୟରେ ଓଡିଶାର ତଦାନୀନ୍ତନ ମୁଖ୍ୟ ଶାସନ-ସଚିବ ଡକ୍ଟର ସୁବାସ ପାଣି ୧୦ଜଣ ବିଭାଗୀୟ ସଚିବମାନଙ୍କୁ ନେଇ ସଚିବାଳୟରେ ୨୨.୮.୨୦୦୫ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ; ସେହି ବୈଠକର କାର୍ଯ୍ୟବିବରଣୀର ଅନୁଚ୍ଛେଦ ୨(୮)ରେ କୁହାଯାଇଥିଲା ଯେ, ଯେଉଁ ଏନ୍.ଜି.ଓ. ମାନେ ଜନକର୍ତ୍ତୃପକ୍ଷ ଭାବେ ବିବେଚିତ ହେବେ, ସେମାନେ କିଭଳି ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ୍ ଅଧିକାରୀଙ୍କୁ ନିଯୁକ୍ତି ଦେବେ, ସେ ବିଷୟରେ ଯୋଜନା ଓ ସମନ୍ୱୟ ବିଭାଗ ଉପଯୁକ୍ତ ମାର୍ଗଦର୍ଶୀକା ପ୍ରସ୍ତୁତ କରିବେ । ଏହାଭିତରେ ୪ବର୍ଷରୁ ଅଧିକ ସମୟ ବିତିଗଲା, କିନ୍ତୁ ସଂପୃକ୍ତ ଏନ୍.ଜି.ଓ. ମାନଙ୍କର ଚିହ୍ନଟ ହୋଇନାହିଁ କି ମାର୍ଗଦର୍ଶୀକା ପ୍ରସ୍ତୁତ

ହୋଇନାହିଁ । ଏହା ସତ୍ତ୍ୱେ ସଦ୍ୟ-ବିଦାୟୀ ମୁଖ୍ୟ-ଶାସନ ସଚିବ ଶ୍ରୀ ଅଜିତ୍ ତ୍ରିପାଠୀ ଅବସର ଗ୍ରହଣ କରିବାର ମାତ୍ର ୩ଦିନ ପୂର୍ବରୁ ହଠାତ୍ ବିଜ୍ଞପ୍ତି ଜାରି କରିଦେଲେ ଯେ, ସମସ୍ତ 'ଦୃଶ୍ୟମାନ' ଅର୍ଥପୁଷ୍ଟ ଏନ୍.ଜି.ଓ. ମାନଙ୍କ ଉପରେ ଓଡିଶା ସୂଚନା ଅଧିକାର ନିୟମାବଳୀ ଲାଗୁ ହୋଇଗଲା । ଏହା କେତେଦୂର ବାସ୍ତବ ଓ ସମୀଚୀନ ?

**ରାଜ୍ୟସରକାରଙ୍କ ବିଜ୍ଞପ୍ତି ଅବୈଧ ମଧ୍ୟ**

ଏକଥା ନିସନ୍ଦେହ, ୨୮ ଅଗଷ୍ଟ ୨୦୦୯ରେ ରାଜ୍ୟର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିବା ଓଡିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗର ବିଜ୍ଞପ୍ତି ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନସ୍ଥ ଏକ ବିଜ୍ଞପ୍ତି ଅଟେ । ଏହା ମଧ୍ୟ ସମସ୍ତେ ଜାଣନ୍ତି, ଉକ୍ତ ଆଇନ୍ ଏକ କେନ୍ଦ୍ରୀୟ ଆଇନ୍, ଯାହାର କୌଣସି ବ୍ୟବସ୍ଥାକୁ ଗୋଟିଏ ରାଜ୍ୟସରକାର ନିୟମ ବା ବିନିୟମ ପ୍ରଣୟନ କରିବାର ଆଳ ଦେଖାଇ ଉଲ୍ଲଂଘନ କରିପାରିବ ନାହିଁ । ସୁତରାଂ ବର୍ତ୍ତମାନ ଭାରତର ସଂଘୀୟ ଢାଞ୍ଚାରେ ଏକ କେନ୍ଦ୍ରୀୟ ଆଇନ୍‌ର ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଗୋଟିଏ ରାଜ୍ୟ ସରକାର କୌଣସି ନିୟମ ବା ବିନିୟମକୁ ବିଜ୍ଞପ୍ତି କରିବାକୁ ଚାହିଁଲେ, ସେଥିପାଇଁ ଏକ ସୁପ୍ରତିଷ୍ଠିତ ବୈଧାନିକ ପଦ୍ଧତିକୁ ଅନୁସରଣ କରିବାକୁ ପଡିଥାଏ । ତାହା ହେଲା, ଜେନେରାଲ୍ କ୍ଲଜେସ୍ ଆଇନ୍ ୧୮୯୭ର ଧାରା-୨୩ । ଏଥିରେ କୁହାଯାଇଛି ଯେ, ନିୟମ ପ୍ରଣୟନକାରୀ କର୍ତ୍ତୃପକ୍ଷ ପ୍ରଥମେ ପ୍ରସ୍ତାବିତ ନିୟମ ବା ବିନିୟମର ଏକ ଚିଠା ପ୍ରସ୍ତୁତ କରି ତାହା ଉପରେ ନିର୍ଦ୍ଦିଷ୍ଟ ତାରିଖ ଭିତରେ ସର୍ବସାଧାରଣଙ୍କ ମତାମତ ଏବଂ ଆପତ୍ତି ଆହ୍ୱାନ କରିବେ । ସେହି ନିର୍ଦ୍ଦିଷ୍ଟ ତାରିଖ ଗତ ହେବା ପରେ ସର୍ବସାଧାରଣଙ୍କ ନିକଟରୁ ସଂଗୃହୀତ ମତାମତ ଓ ଆପତ୍ତିଗୁଡିକ ଭିତ୍ତିରେ ଉକ୍ତ ଚିଠା-ପ୍ରସ୍ତାବକୁ ଚୂଡାନ୍ତ ରୂପ ପ୍ରଦାନ କରାଯିବ ଏବଂ ତା'ପରେ ତାକୁ ଗେଜେଟ୍‌ରେ ବିଜ୍ଞପ୍ତି କରାଯିବ । ତେବେ ଯାଇ ଏକ କେନ୍ଦ୍ରୀୟ ଆଇନ୍ ଅଧୀନରେ ରାଜ୍ୟ ନିୟମାବଳୀ ଉପଯୁକ୍ତ ପଦ୍ଧତିରେ ପ୍ରଣୀତ ହୋଇଛି ବୋଲି ବିବେଚନା କରାଯିବ । ଏହି ପଦ୍ଧତିର ଏକ ଅନୁରୂପ ବ୍ୟବସ୍ଥା ଓଡିଶା କ୍ଲଜେସ୍ ଆଇନ୍ ୧୯୩୭ର ଧାରା-୨୪(୨)ରେ ମଧ୍ୟ ସ୍ଥାନିତ ହୋଇଛି । କିନ୍ତୁ ଦେଖାଗଲା, ଓଡିଶା ସରକାର ଏହି ପ୍ରାକ୍-ପ୍ରକାଶନ ବିଧିକୁ ଉପେକ୍ଷା କରି ହଠାତ୍ ସିଧାସଳଖ ଖବରକାଗଜ ଗୁଡିକରେ ଏନ୍.ଜି.ଓ. କ୍ଷେତ୍ରରେ ସୂଚନା ଅଧିକାର ଆଇନ୍ ଲାଗୁ ହୋଇଗଲା ବୋଲି ଏକ ସର୍ବସାଧାରଣ ବିଜ୍ଞପ୍ତି ପ୍ରସାରଣ କରିଦେଲେ । ଏବଂ ଏହି କାରଣରୁ ଉକ୍ତ ବିଜ୍ଞପ୍ତିଟି ଅବୈଧ ଅଟେ । କେବଳ ଏହି ବିଜ୍ଞପ୍ତିଟି ନୁହେଁ, ଏପରିକି ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ ଉପରେ ମଧ୍ୟ ରାଜ୍ୟସରକାର ପ୍ରାକ୍-ପ୍ରକାଶନ ଜରିଆରେ ସର୍ବସାଧାରଣଙ୍କ ମତାମତ ନଲୋଡି ହଠାତ୍ ଅକ୍ଟୋବର ୧ମ ସପ୍ତାହ ୨୦୦୫ରେ ବିଜ୍ଞପ୍ତି ଜାରି କରିଥିଲେ । ଠିକ୍ ଏହି କାରଣରୁ ଓଡିଶା ନିୟମାବଳୀ-୨୦୦୫ ଗୁରୁତର ଭାବେ ଦୋଷାକ୍ରାନ୍ତ ଏବଂ ମୂଳ ଆଇନ୍‌ର ପରିପନ୍ଥୀ ହେବା ସହିତ ଅବୈଧ ଥିଲା ବୋଲି ସୂଚନା ଅଧିକାର ଆଇନ୍‌ର ବିଶିଷ୍ଟ ପ୍ରବକ୍ତା ଶ୍ରୀମତୀ ଅରୁଣା ରାୟ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ୨୩.୧୨.୦୫ରେ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଥିଲେ ***(ଦ୍ରଷ୍ଟବ୍ୟ- ୨୯ ମେ ୨୦୦୬ର ସଂଶୋଧନ ସତ୍ତ୍ୱେ ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ ଅବାନ୍ତର ଓ ଅବୈଧ କାହିଁକି ? ସଂକଳକ- ଓଡିଶା ଖାଦ୍ୟ ଅଧିକାର ଅଭିଯାନ, ୪.୯.୨୦୦୬)***।

**ବର୍ତ୍ତମାନ କରଣୀୟ କ'ଣ ?**

ମନେ ରଖିବାକୁ ପଡିବ, ସୂଚନା ଅଧିକାର ଆଇନ୍ ଏନ୍.ଜି.ଓ.ମାନଙ୍କ ପ୍ରତି ପ୍ରଯୁଜ୍ୟ ବୋଲି ସବୁସ୍ତରରେ ଏକ ସହମତି ଥିବା ସତ୍ତ୍ୱେ କେଉଁ ପଦ୍ଧତିରେ ଏହା କାର୍ଯ୍ୟକାରୀ କରାଯିବ, ତାହା ନେଇ ଦୀର୍ଘକାଳ ଧରି ଏକ ଜାତୀୟ ବିତର୍କ ବଜାୟ ରହିଛି । ଆମେ ଲକ୍ଷ୍ୟ କରିସାରିଛେ, କେନ୍ଦ୍ର ସରକାରଙ୍କର ଏବିଷୟରେ କୌଣସି ମାର୍ଗଦର୍ଶିକା ନଥିଲା ବେଳେ ଖୋଦ୍ କେନ୍ଦ୍ରୀୟ ସୂଚନା କମିଶନ୍ କିପରି ବିଭିନ୍ନ କେଶ୍ ପରିପ୍ରେକ୍ଷୀରେ ଭିନ୍ନଭିନ୍ନ ମତ ଦେଇଚାଲିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ***ଦ୍ୱିତୀୟ ପ୍ରଶାସନିକ ସଂସ୍କାର କମିଶନ୍ ଜୁନ୍ ୨୦୦୬ରେ ଦାଖଲ କରିଥିବା ସୁପାରିଶ୍*** ଅନୁଯାୟୀ (୧) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ନିଜ ନିଜ କ୍ଷେତ୍ରରେ ସୂଚନା ଆଇନ୍ ପରିପ୍ରେକ୍ଷୀରେ ବେସରକାରୀ ଜନକର୍ତ୍ତୃପକ୍ଷମାନଙ୍କୁ ଚିହ୍ନଟ ଓ ତାଲିକାଭୁକ୍ତ କରିବା ଉଚିତ୍, ଓ (୨) ଯେଉଁ ଏନ୍.ଜି.ଓ. ମାନେ ଗତ ୩ବର୍ଷ ଭିତରେ କୌଣସି ବର୍ଷ ସେମାନଙ୍କର ପରିଚାଳନା ଖର୍ଚ୍ଚର ଶତକଡା ୫୦ଭାଗ ବା ଅନ୍ୟୁନ ୧କୋଟି ଟଙ୍କା ସରକାରୀ ସୂତ୍ରରୁ ପାଇଥିବେ, ତଥା ଯେଉଁମାନେ ସରକାରୀ ବିଭାଗ ଭଳି କୌଣସି କାର୍ଯ୍ୟକ୍ରମକୁ ଏକଚାଟିଆ ଭାବେ ପରିଚାଳନା କରୁଥିବେ, ସେମାନଙ୍କୁ ସୂଚନା ଅଧିକାର ଆଇନ୍ ଅଧୀନରେ ବେସରକାରୀ ଜନକର୍ତ୍ତୃପକ୍ଷ ଭାବେ ବିବେଚନା କରାଯିବା ଉଚିତ୍ । ***ଗୋଆ ସୂଚନା କମିଶନ୍ ୨୨ଜୁନ୍ ୨୦୦୬ରେ ଜାରି କରିଥିବା ଏକ ନିଷ୍ପତ୍ତି*** ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ଏନ୍.ଜି.ଓ.ଙ୍କୁ ସୂଚନା ଅଧିକାର ଆଇନ୍ ଉଦ୍ଦେଶ୍ୟରେ ଜନକର୍ତ୍ତୃପକ୍ଷ ଭାବେ ଚିହ୍ନଟ କରି କୌଣସି ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାର ଆବଶ୍ୟକତା ନାହିଁ, କାରଣ ଆଇନ୍‌ର ଧାରା-୨(ଏଚ୍)(ଡି) ଅଧୀନରେ ଯେଉଁ ଦୁଇ ଧରଣର ସଂଗଠନଙ୍କ ବିଷୟରେ ସୂଚନା ଦିଆଯାଇଛି (ଯଥା ପ୍ରଥମଟି ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ସରକାରୀ ପାଣ୍ଠିରୁ ବିପୁଳାଂଶରେ ଅର୍ଥପୁଷ୍ଟ ହୋଇଥିବା ସରକାରଙ୍କ ମାଲିକାନାଧୀନ ବା ନିୟନ୍ତ୍ରଣାଧୀନ ସଂଗଠନ, ଏବଂ ଦ୍ୱିତୀୟଟି ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ସରକାରୀ ପାଣ୍ଠିରୁ ବିପୁଳାଂଶରେ ଅର୍ଥପୁଷ୍ଟ ହୋଇଥିବା ବେସରକାରୀ ସଂଗଠନ), ସେମାନେ ଯଥୋଚିତ ସରକାରଙ୍କ ଦ୍ୱାରା ପୂର୍ବରୁ କୌଣସି ବିଜ୍ଞପ୍ତି ବା ଆଦେଶ ବଳରେ ପ୍ରତିଷ୍ଠିତ ବା ଗଠିତ ହୋଇସାରିଥିବେ । ଆଇନ୍‌ର ଭାଷାକୁ ସୁତୀକ୍ଷ୍ଣ ବିଶ୍ଳେଷଣ କରି ଗୋଆ କମିଶନ୍ ଜାରି କରିଥିବା ଏହି ବ୍ୟାଖ୍ୟା ଯଥେଷ୍ଟ ମହତ୍ୱ ବହନ କରିଛି ବୋଲି ମନେହୁଏ । ଗତବର୍ଷ କର୍ଣ୍ଣାଟକ ରାଜ୍ୟସରକାର ସମସ୍ତ ସମବାୟ ସମିତିକୁ ସୂଚନା ଅଧିକାର ଆଇନ୍ ଅଧୀନରେ ଜନକର୍ତ୍ତୃପକ୍ଷ ବୋଲି ବିଜ୍ଞପ୍ତି କରିଦେଲେ, କିନ୍ତୁ ***କର୍ଣ୍ଣାଟକ ହାଇକୋର୍ଟ ୩୦ ଜୁନ୍ ସେପ୍ଟେମ୍ବର ୨୦୦୮***ରେ ଏହି ବିଜ୍ଞପ୍ତିକୁ ଅବୈଧ ବୋଲି ଘୋଷଣା କରିଛନ୍ତି । ଏହିପରି ଦେଖିବାକୁ ଗଲେ, ଏନ୍.ଜି.ଓ. ମାନଙ୍କୁ ଜନକର୍ତ୍ତୃପକ୍ଷ ଭାବେ ବିବେଚନା କରାଯିବ କି ନାହିଁ, ତାକୁ ନେଇ ସାରା ଦେଶରେ ଏବଂ ବିଶେଷକରି ସରକାର, ସୂଚନା କମିଶନ୍, ଅଦାଲତ ଏବଂ ଏନ୍.ଜି.ଓ. ସ୍ତରରେ ଘୋର ବିତର୍କ ଜାରିରହିଛି । ପୂର୍ବରୁ ସୂଚୀତ ହୋଇଛି ଯେ, ଓଡିଶା ସରକାର ନିଜର ପ୍ରତିଶୃତି ଅନୁଯାୟୀ ଏ ବ୍ୟାପାରରେ ଆବଶ୍ୟକୀୟ ମାର୍ଗଦର୍ଶିକା ପ୍ରସ୍ତୁତ କରିବାରେ ଚରମ ବିଫଳତା ଦେଖାଇଛନ୍ତି । ସୁତରାଂ ବର୍ତ୍ତମାନ ପରିସ୍ଥିତିରେ ଏହି ଲେଖକର ପରାମର୍ଶ ହେଲା-

- ଧାରା ୨(ଏଫ୍) ଅନୁଯାୟୀ ପ୍ରତି ସରକାରୀ ଜନକର୍ତ୍ତୃପକ୍ଷ ତାଙ୍କ ପାଖରେ ଉପଲବ୍ଧ ଥିବା କୌଣସି ଏନ୍.ଜି.ଓ. ସମ୍ବନ୍ଧୀତ ସୂଚନାକୁ ସାଧାରଣ ନାଗରିକଙ୍କୁ ସୁଚାରୁ ଭାବେ ଯୋଗାଇ ଦେବା ସକାଶେ ଆଇନ୍-ଅଭିପ୍ରେତ ଉତ୍ତରଦାୟିତ୍ୱକୁ କଡାକଡି ଭାବେ ସୁନିଶ୍ଚିତ କରାଯାଉ ;
- ଏନ୍.ଜି.ଓ. ମାନଙ୍କୁ ସୂଚନା ଆଇନ୍‌ର ପରିସରଭୁକ୍ତ କରିବା ସମ୍ବନ୍ଧରେ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗର ସଦ୍ୟ ଘୋଷିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଉ ; ଏବଂ
- ଧାରା-୨୬କୁ ସମ୍ମାନ ଦେଇ ରାଜ୍ୟ ସରକାର 'ସୂଚନା ଆଇନ୍ ଅଧୀନରେ ଏନ୍.ଜି.ଓ.ଙ୍କ ଉତ୍ତରଦାୟିତ୍ୱ' ପ୍ରସଙ୍ଗରେ ସମସ୍ତ ଧରଣର ଏନ୍.ଜି.ଓ. (ସୋସାଇଟି, କମ୍ପାନୀ, ଟ୍ରଷ୍ଟ, ରାଜନୈତିକ ଦଳ, ସମବାୟ ସମିତି, ଏସ୍.ଏଚ୍.ଜି., ଅଫିସରଙ୍କ ସଂଗଠନ, ବଣିକ ସଂଘ, ଟ୍ରେଡ୍ ୟୁନିଅନ୍ ଇତ୍ୟାଦି)ଙ୍କ ସହ ଯୌଥ ପରାମର୍ଶ ଆରମ୍ଭ କରନ୍ତୁ ।

***Chitta Behera, 4A Jubilee Tower, Choudhury Bazar, Cuttack-9, Mobile-9437577546, Dt 4th Sept. 2009***